# Akashvani, Sambalpur

## SAMBALPURI NEWS BULLETIN

### 9 April 2024- 6.47- 6.52 am.

********************************************

ଲୋକ୍‌ସଭା ନିର୍ବାଚନ୍-ପହେଲା ଖେପ୍   ଆର୍‌ଏନ୍‌ୟୁ          / ସମ୍ବଲପୁର

ଲୋକ୍‌ସଭା ନିର୍ବାଚନ୍ ଲାଗି ପହେଲାଖେପେ ହେବାର୍‌କେ ଥିବାର୍ ଶହେ ୨ ଟା ସଂସଦୀୟ କ୍ଷେତ୍ର ନ ୧ ହଜାର୍ ୬ ଶହ ୨୫ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କର୍‌ବେ । ମନୋନୟନ ପତ୍ର ପ୍ରତ୍ୟାହାର୍ ଉତ୍‌ରୁ ଇ ପ୍ରାର୍ଥୀମାନ୍‌କର୍ ପ୍ରାର୍ଥୀତ୍ୱ କାଏମ୍ ରହିଛେ ବଲି ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ଇମାନ୍‌କର୍ ଭିତ୍‌ରେ ୧ ହଜାର୍ ୪ ଶହ ୫୧ ଝନ୍ ପୁରୁଷ ଆଉ ଶହେ ୩୪ ଝନ୍ ମହିଳା ପ୍ରାର୍ଥୀ ଅଛନ୍ । ଆଏବା ୧୯ ତାରିଖ୍ ଦିନ ପହେଲା ଖେପ୍‌ଥି ଭୋଟ୍ ନିଆଯିବା ।

ଭୋଟର୍ ସଚେତନତା-ସିଇଓ        ଆର୍‌ଏନ୍‌ୟୁ /  ସମ୍ବଲପୁର

ଆଏବା ଲୋକ୍‌ସଭା ଆଉ ବିଧାନ୍‌ସଭା ନିର୍ବାଚନ୍‌କେ ନଜର୍‌ଥି ରଖିକରି ରାଏଜେ ଭୋଟ୍ ହାର ବଢ଼ାବାର୍‌କେ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗୁରୁତ୍ୱ ଦେଇଛନ୍ । ବ୍ୟବସ୍ଥିତ୍ ଶିକ୍ଷା ଆଉ ନିର୍ବାଚନ୍‌ଥି ଅଂଶଗ୍ରହଣ୍ - ଏସ୍.ଭି.ଇ.ଇ.ପି. ସଚେତନତା କାର୍ଯ୍ୟକ୍ରମ୍‌କେ ଆହୁରି ଫଏଲାବାର୍ ଲାଗି ସେ ନୋଡ଼ାଲ୍ ଆଉ ନିର୍ବାଚନ୍‌ଥି ସାମିଲ୍ ଅଧିକାରୀମାନ୍‌କୁ କହିଛନ୍ । ଇ ବାବ୍‌ଦେ ସେ ଗଲାକାଏଲ୍ ଜିଲ୍ଲାସ୍ତରୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ । ଖାସ୍‌କରି ଭୁବ୍‌ନେଶ୍ୱର୍, କଟକ୍, ବ୍ରହ୍ମପୁର୍, ସମ୍ବଲପୁର, ରାଉର୍‌କେଲା ବାଗିର୍ ବଡ଼ ସହର୍ ନ ଥିବା ଭୋଟର୍ ମାନ୍‌କର୍ ନିର୍ବାଚନ୍‌ଥି ଅଂଶଗ୍ରହଣ୍ ଉପ୍‌ରେ ସେ ଜୋର୍ ଦେଇଛନ୍ ।

ହେନ୍ତା ଯୁବ, ମହିଳା, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଭୋଟର୍ ମାନ୍‌କୁ ଭୋଟ୍‌ଥି ସାମିଲ୍ କର୍‌ବାର୍ ଲାଗି ନିଆଯାଇଥିବାର୍ ପଦକ୍ଷେପ୍, ମତଦାନ୍ କେନ୍ଦ୍ର ନ ହ୍ୱିଲ୍‌ଚେୟାର୍ ବ୍ୟବସ୍ଥା, ସ୍ୱେଚ୍ଛାସେବୀଙ୍କୁ ସାମିଲ୍ କର୍‌ବାର୍ ଆର୍ ବୁଥ୍ ନ ଭିନ୍ ଭିନ୍ ବ୍ୟବସ୍ଥା ବାବ୍‌ଦେ ଭିଲ୍ ସେ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ ।

ନିଟ୍- ୟୁଜି ପରୀକ୍ଷା                    ଆର୍‌ଏନ୍‌ୟୁ /  ସମ୍ବଲପୁର

ଡାକ୍ତରୀ ପାଠ୍ୟକ୍ରମ୍‌ଥି ନାଁଲେଖାବାର୍ ଲାଗି ହେବାର୍‌କେ ଥିବାର୍ ନିଟ୍-ୟୁଜି-୨୦୨୪ ପରୀକ୍ଷା ଲାଗି ଆବେଦନ୍ ତାରିଖ୍‌କେ ଆଏବାକାଏଲ୍‌ତକ୍ ବଢ଼ାଯାଇଛେ । ଛାତ୍ରଛାତ୍ରୀମାନେ ଆଏଜ୍ ଆଉ ଆଏବାକାଏଲ୍ ଅନ୍‌ଲାଇନ୍ ଜରିଏ ନିଟ୍ ୟୁଜି ଲାଗି ଆବେଦନ୍ କରିପାର୍‌ବେ । ଇ ବାବ୍‌ଦେ ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି ତର୍‌ଫୁ ବିଜ୍ଞପ୍ତିଥି କୁହାଯାଇଛେ । ଇହାଦେତକ୍ ପାଖାପାଖି ୨୩ ଲାଖ୍ ୮୨ ହଜାର୍ ଛାତ୍ରଛାତ୍ରୀ ନିଟ୍ ୟୁଜିର୍ ଲାଗି ଆବେଦନ୍ କରିଛନ୍ ।

ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ                    ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀଜଗନ୍ନାଥ୍ ମନ୍ଦିର୍ କାର୍ଯ୍ୟାଳୟର୍ ନୂଆଁ ମୁଖ୍ୟ ପ୍ରଶାସକ୍ ଭାବେ ପୂର୍ତ୍ତ ବିଭାଗ୍‌ର ପ୍ରମୁଖ ସଚିବ ବୀର୍ ବିକ୍ରମ୍ ଯାଦବ୍‌ଙ୍କୁ ନିଯୁକ୍ତି ମିଲିଛେ । ୨ ନମ୍ବର୍ ଥରର୍ ଲାଗି ସେ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଭାର୍ ପାଇଛନ୍ । ସେ ପୂର୍ତ୍ତ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଦାୟିତ୍ୱ ସହେତେ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଦାୟିତ୍ୱ ଭିଲ୍

ତୁଲାବେ । ଅତିରିକ୍ତ ମୁଖ୍ୟ ପ୍ରଶାସକ ଥିବାର୍ ସମର୍ଥ ବର୍ମାଙ୍କୁ ପୂର୍ତ୍ତ ବିଭାଗ୍‌ର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛେ ।

ସ୍କୁଲ୍ - ପ୍ରେରଣା ଉତ୍ସବ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ସବୁ ସର୍‌କାରୀ ସ୍କୁଲ୍, ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଆଉ ଜବାହାର୍ ନବୋଦୟ ବିଦ୍ୟାଳୟମାନ୍‌କେ ପ୍ରେରଣା ଉତ୍ସବ୍ କରାଯିବା । ଇଥି ୯ ଆଉ ୧୦ କ୍ଲାସ୍‌ର ଛାତ୍ରଛାତ୍ରୀମାନେ ସାମିଲ୍ ହେବେ । ଉତ୍ସବ୍‌ଥି ଅଭିଜ୍ଞ ଶିକ୍ଷଣ୍ କାର୍ଯ୍ୟକ୍ରମ୍ ଜରିଏ ସ୍କୁଲ୍‌ସ୍ତର୍ ନ ମନୋନୀତ ହେଇଥିବା ଛାତ୍ରଛାତ୍ରୀମାନ୍‌କୁ ନେଇକରି ଜିଲ୍ଲାସ୍ତର୍ ନ କାର୍ଯ୍ୟକ୍ରମ୍ କରାଯିବା । ଇ ବାବ୍‌ଦେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ତର୍‌ଫୁ ସବୁ ଜିଲ୍ଲାସ୍ତରୀୟ ଅଧିକାରୀମାନ୍‌କୁ ଲେଖାଯାଉଛେ । ଭାରତ୍‌ର ଐତିହ୍ୟକେ ନେଇକରି ପ୍ରବନ୍ଧ, କାହାଣୀ, ଗୀତ, ଚିତ୍ରାଙ୍କନ୍ ବାଗିର୍ ଭିନ୍ ଭିନ୍ ପ୍ରତିଯୋଗିତାକେ ପ୍ରେରଣା ଉତ୍ସବ୍‌ଥି ସାମିଲ୍ କରାଯାଇଛେ ।

ତାମିଲ୍‌ନାଡୁ- ପୁଲିସ୍ କନେଷ୍ଟେବୁଲ୍ ଦେହାନ୍ତ

ଆର୍‌ଏନ୍‌ୟୁ / ସମ୍ବଲପୁର

ତାମିଲ୍‌ନାଡୁର ତ୍ରିଚି ଠାନେ ଭୋଟ୍ କାମ୍‌ଥି ଲାଗିଥିବା ବୌଦ୍ଧର ଆଇଆର୍ ବାଟାଲିୟନ୍‌ର କନେଷ୍ଟେବଲ୍ ପ୍ରମୋଦ କୁମାର୍ ମାଝୀଙ୍କର୍ ଦେହାନ୍ତଥି ପୁଲିସ୍ ଡିଜି ଅରୁଣ୍ କୁମାର୍ ଷଡ଼ଙ୍ଗୀଙ୍କର୍ ସହେତେ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଶୋକପ୍ରକାଶ୍ କରିଛନ୍ । ଗଲା ୪ ତାରିଖ୍ ଦିନ ଶ୍ରୀ ମାଝୀ ତ୍ରିଚି ଠାନେ ନିୟୋଜିତ ଥିବାର୍ ବେଲେ ଗୁଟେ ଗାଡ଼ି ଧକ୍କା ଦେବାର୍‌ନୁ ତାଁକର୍ ମୃତ୍ୟୁ ହେଇଥିଲା । ସ୍ୱର୍ଗତ୍ ମାଝୀଙ୍କର୍ ନିଜର୍ ଘର୍ ନୂଆପଡ଼ା ଜିଲ୍ଲା ଧରମ୍‌ବନ୍ଧା ଗାଁ ନ ବଲି ଜନାପଡ଼ିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ତାମିଲ୍‌ନାଡୁ ନ ନିର୍ବାଚନ୍ କାର୍ଯ୍ୟର ସୁପରିଚାଲନା ଲାଗି ଓଡ଼ିଶା ପୁଲିସ୍‌ର ଭିନ୍ ଭିନ୍ ବାଟାଲିୟନ୍‌ର ୩୦ କମ୍ପାନୀ ତାମିଲ୍‌ନାଡୁ ନ ନିୟୋଜିତ୍ ଅଛନ୍ ।

ଗୃହରକ୍ଷୀ ସମ୍ମିଲନୀ ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର୍‌ର ବୁଢ଼ାରଜା ଠାନେ ନିଖିଳ ଉତ୍କଳ ଗୃହରକ୍ଷୀ ସଂଘ ଜିଲ୍ଲା ଶାଖାର ସାଧାରଣ ସମ୍ମିଲନୀ ଗଲାକାଏଲ୍ ହେଇଯାଇଛେ । ଇଥି ଜିଲ୍ଲାର୍ ଭିନ୍ ଭିନ୍ ଜାଗାନୁ ଗୃହରକ୍ଷୀ ପ୍ରତିନିଧି ମାନେ ସାମିଲ୍ ହେଇକରି ଭିନ୍ ଭିନ୍ ବିଷେ ଉପ୍‌ରେ ଆଲୋଚନା କରିଥିଲେ ।

ଚୈତ୍ ନବରାତ୍ର                    ଆର୍ଏନ୍ୟୁ /  ସମ୍ବଲପୁର

ଆଏଜ୍ଠାନୁ ଦେବୀ ମନ୍ଦିର୍ ମାନ୍କେ ବାସନ୍ତିକ ନବରାତ୍ର ପୂଜା ମୁଲ୍ ହେଇଛେ । କଲସ୍ ଶୋଭାଯାତ୍ରା ଆଉ ଅଧିବାସ ଉତ୍ରୁ ଭକ୍ତମାନେ ଦେବୀପୀଠମାନ୍କେ ମାନସିକ ଜାଗର ପ୍ରତିଷ୍ଠା କରିଛନ୍ । ସମ୍ବଲ୍ପୁର୍ର ସମଲେଶ୍ୱରୀ, ପାଟଣେଶ୍ୱରୀ ଆଉ ଅଲ୍ଗା ଦେବୀ ମନ୍ଦିର୍ମାନ୍କେ ଜବର୍ ସଜାବଜା କରାଯାଇଛେ ।

ପାଣିପାଗ       ଆର୍ଏନ୍ୟୁ/ସମ୍ବଲପୁର

ରାଜ୍ୟର୍ କେତେଟା ଇଲାକା ନ ଆଏଜ୍ ଘଡ଼୍ଘଡ଼ି ଆର୍ ବିଜ୍ଲି ମାରିକରି ବର୍ଷା ହେଇପାରେ ବଲି  ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ କରାଯାଇଛେ । ଆଏଜ୍ ଆଉ ଆଏବା କାଏଲ୍ କଲାହାଣ୍ଡି, କନ୍ଧମାଲ୍, ବୌଦ୍ଧ, ନୂଆପଡ଼ା, ସୁବର୍ଣ୍ଣପୁର୍, ଜିଲ୍ଲା ନ ବିଜ୍ଲି ଆଉ ଘଡ଼ଘଡ଼ି ସହେତେ ବର୍ଷା ହେଇପାରେ । ହେନ୍ତା ଆଏଜ୍ ଝାର୍ସୁଗୁଡ଼ା ସୁନ୍ଦର୍ଗଡ଼୍ ଆର୍ ବର୍ଗଡ଼୍ ଜିଲ୍ଲାର୍ କେତେଟା ଜାଗା ନ ବର୍ଷା ହେବାର୍କେ ଥିବାର୍ନୁ ବିଭାଗ୍ ତର୍ଫୁ ୟେଲୋ ୱାର୍ଣ୍ଣିଂ

ଜାରି କରାଯାଇଛେ । ୧୨ ତାରିଖ୍ତକ୍ ରାଏଜର୍ କେତେଟା ଜାଗା ବର୍ଷା ହେବା ବଲି ଅନୁମାନ୍ କରାଯାଇଛେ ।

କାଲ୍‌ବେଶାଖୀର୍ ପ୍ରଭାବ୍‌ଥି ଗଲାକାଏଲ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବଲାଙ୍ଗିର୍, ସୁବର୍ଣ୍ଣପୁର୍, ବୌଦ୍ଧ ଆର୍ ନୂଆପଡ଼ା ସହେତେ ରାଜ୍ୟର୍ ୧୨ଟା ଜିଲ୍ଲା ନ ବର୍ଷା ହେଇଯାଇଛେ । ସେଆଡ଼େ ଗଲା ୨ ଦିନ୍ ହେଲା ଧୁକାଗର୍ଡ଼ି ଆର୍ ବର୍ଷା ଲାଗି ପାଣିପାଗ୍‌ର ରାଏରକମ୍ ବଦ୍‌ଲିବାର୍ ସହେତେ ରାଏଜେ ତାତି କମିଛେ । ଗଲାକାଏଲ୍ ରାଜ୍ୟର୍ ୧୧ ଟା ସହର୍ ନ ତାତି ୩୦ ଡିଗ୍ରୀ ସେଲ୍‌ସିଅସ୍‌ନୁ କମ୍ ଥିବାର୍ ରେକର୍ଡ଼ କରାଯାଇଥିଲା ।